ସୂଚନା ଓ ଲୋକ ସଂପର୍କ ବିଭାଗ
**Information & Public Relations Department**
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/FS&CW (OD))/993/06-01-2021**

## ଖରିଫ ଧାନସଂଗ୍ରହ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁଙ୍କ ନିର୍ଦ୍ଦେଶ

## ଆଜି ସୁଦ୍ଧା ୨୬ ଲକ୍ଷ ୪୮ ହଜାର ୪୭୪ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ

## ଗତବର୍ଷ ଆଜି ଦିନ ତୁଳନାରେ ୨୪ ପ୍ରତିଶତ ଅଧିକ ଧାନସଂଗ୍ରହ

ଭୁବନେଶ୍ୱର, ତା.୦୬/୦୧/୨୦୨୧

ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଦ୍ୱାର ପ୍ୟାକ୍ସ/ଲ୍ୟାମ୍ପସ୍, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ପାଣି ପଞ୍ଚାୟତ ଦ୍ୱାରା ନଭେମ୍ବର ପ୍ରଥମ ସପ୍ତାହରୁ ରାଜ୍ୟରେ ଖରିଫ୍ ଧାନସଂଗ୍ରହ କାର୍ଯ୍ୟ କରାଯାଉଥିବାବେଳେ ଆଜି ସୁଦ୍ଧା ମୋଟ ୨୬ ଲକ୍ଷ ୪୮ ହଜାର ୪୭୪ ମେଟ୍ରିକ୍ ଟନ୍ ଧାନସଂଗ୍ରହ କରାଯାଇଛି । ଏହା ଗତବର୍ଷ ଆଜି ଦିନ ସୁଦ୍ଧା ଖରିଫ୍ ଧାନସଂଗ୍ରହଠାରୁ ୨୪ ପ୍ରତିଶତ ଅଧିକ । ଗତବର୍ଷ ଆଜିର ତାରିଖ ସୁଦ୍ଧା ମୋଟ ୨୧ ଲକ୍ଷ ୩୦ ହଜାର ୧୯୯ ମେଟ୍ରିକ୍ ଟନ ଧାନସଂଗ୍ରହ ହୋଇଥିଲା । ଧାନସଂଗ୍ରହ କାର୍ଯ୍ୟରେ ସଂପୂର୍ଣ୍ଣ ସ୍ୱଚ୍ଛତା ଅବଲମ୍ବନ ଓ ବ୍ୟବସ୍ଥିତ ଭାବେ କରିବା ପାଇଁ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଦାୟିତ୍ୱରେ ଥିବା ଅଧିକାରୀମାନେ କ୍ଷେତ୍ରରେ ଉପୁଜୁଥିବା ସମସ୍ୟାଗୁଡ଼ିକର ତୁରନ୍ତ ସମାଧାନ କରି ଧାନସଂଗ୍ରହକୁ ତ୍ୱରାନ୍ୱିତ କରିବା ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ନିର୍ଦ୍ଦେଶ ଦେଇଛନ୍ତି ।

ବିଭାଗ ଦ୍ୱାରା ନାମ ପଞ୍ଜୀକୃତ କରିଥିବା ଚାଷୀଙ୍କଠାରୁ ପି-ପାସ୍ ଜରିଆରେ ଏବଂ ଆଗୁଆ ଟୋକେନ ପ୍ରଦାନ ମାଧ୍ୟମରେ ଖରିଫ୍ ଧାନସଂଗ୍ରହ କରାଯାଉଛି । ଏଥି ସହିତ ମଣ୍ଡିରେ ସାମାଜିକ ଦୂରତ୍ୱ ଓ ସମସ୍ତ କୋଭିଡ୍-୧୯ ମାର୍ଗଦର୍ଶିକା ଅନୁପାଳନ କରି ଚାଷୀମାନଙ୍କଠାରୁ ଧାନସଂଗ୍ରହ କରାଯାଉଛି ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି ।

ଅଦ୍ୟାବଧି ଅଧିକ ଧାନସଂଗ୍ରହ ହୋଇଥିବା ଜିଲ୍ଲାଗୁଡ଼ିକ ମଧ୍ୟରୁ ବରଗଡ଼ରେ ୬,୩୧,୧୧୯ ମେଟ୍ରିକ ଟନ, ବଲାଙ୍ଗୀର ୨,୧୪,୩୪୦ ମେଟ୍ରିକ୍ ଟନ୍, କଳାହାଣ୍ଡିରେ ୩,୨୪,୧୧୯ ଟନ, କୋରାପୁଟରେ ୧,୯୧,୦୩୦ ମେଟ୍ରିକ ଟନ, ନୂଆପଡ଼ାରେ ୧,୦୪,୪୬୫ ମେଟ୍ରିକ ଟନ, ସମ୍ବଲପୁରରେ ୩,୨୨,୭୨୪ ଟନ, ସୁବର୍ଣ୍ଣପୁର ୨,୨୩,୬୧୫ ଟନ ଓ ନବରଙ୍ଗପୁର ଜିଲ୍ଲାରେ ୯୭,୩୩୧ ମେଟ୍ରିକ୍ ଟନ ଧାନସଂଗ୍ରହ ହୋଇଛି । ଚଳିତ ଖରିଫ୍ ଧାନ ବିକ୍ରି ନିମନ୍ତେ ରାଜ୍ୟରେ ମୋଟ ୧୪ ଲକ୍ଷ ୯୯ ହଜାର ୬୬୧ ଜଣ ଚାଷୀ ସେମାନଙ୍କର ନାମ ପଂଜୀକରଣ କରିଥିବାବେଳେ ଅଦ୍ୟାବଧି ୧୪ ଲକ୍ଷ ୩୯ ହଜାର ୭୬୬ ଜଣଙ୍କ ନାମ ଯାଞ୍ଚ କରାଯାଇଛି । ଆଜି ସୁଦ୍ଧା ୪ ଲକ୍ଷ ୨୩ ହଜାର ୬୫୮ ଜଣ ଚାଷୀ ସେମାନଙ୍କର ଧାନ ବିକ୍ରି କରିଛନ୍ତି ।

ତାପସ ସାହା
ସୂଚନା ଅଧିକାରୀ